## ସଂକ୍ଷେପରେ

### ଅଧ୍ୟାପକ ଦିଲୀପ ପାଇବେ ରାଷ୍ଟ୍ରପତି ପୁରସ୍କାର

ଉଦଳା, ୧୭।୯(ଡି.ଏନ.ଏ.)-ଶିକ୍ଷାଦାନ ସହ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଉଦଳା ବ୍ଲକ କୁଣ୍ଡାବାଇ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରାମାଣିକଙ୍କୁ



ମିଳିବ ରାଷ୍ଟ୍ରପତି ପୁରସ୍କାର। ଆସନ୍ତା ୨୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରୁ ସେ ଏହି ପୁରସ୍କାର ଗ୍ରହଣ କରିବେ। ଅଧ୍ୟାପକ ସହ ଜାତୀୟ ସେବା ଯୋଜନା(ଏନ୍ଏସଏସ)ରେ କାର୍ଯ୍ୟକ୍ରମ ଅଧିକାରୀ ଭାବେ ସେ କାର୍ଯ୍ୟ କରୁଥିଲେ । ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନେବା ସହ କଲେଜ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରି ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିଥାନ୍ତି । ବିଶେଷ କରି କରୋନା ମହାମାରୀ ସମୟରେ ଗାଁ ଗାଁ ବୁଲି ନିଜେ ଲୋକଙ୍କୁ ସଚେତନ କରାଇବା ସହିତ ମାସ୍କ ପ୍ରଦାନ କରିଥିଲେ। ସେ ଦୀର୍ଘ ୬ ବର୍ଷ ହେବ ଏଭଳି ସମାଜସେବା କରିଆସୁଛନ୍ତି। ଅନ୍ଧବିଶ୍ୱାସ ବିରୋଧରେ ତାଙ୍କର 'ମୁଁ ଡାହାଣୀ ନୁହେଁ' କାର୍ଯ୍ୟକ୍ରମ ପୁରା ଜିଲା ଏବଂ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେ ରାଷ୍ଟ୍ରପତି ପୁରସ୍କାର ପାଇବା ନିମନ୍ତେ ମନୋନୀତ ହୋଇଥିବା କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରାଳୟ, ଭାରତ ସରକାରଙ୍କ ପକ୍ଷରୁ ତାଙ୍କ ନିକଟକୁ ଚିଠି ଆସିଛି ।

### ବୋମା ପକାଇ ବାର୍‌ହା ଶିକାର, ୩ ଅଟକ

ପାଟଣା,୧୭।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ପଦ୍ମପୁର ସଂରକ୍ଷିତ ଜଙ୍ଗଲ ନିକଟ ବରୁଡ଼ିପଶି ଜଙ୍ଗଲରେ ବୋମା ପକାଇ ବାର୍‌ହା ଶିକାର ହୋଇଛି। ବନ ବିଭାଗ ଯମୁନାପଶି ପଞ୍ଚାୟତ ବରୁପଶି ଗ୍ରାମର ୩ ଜଣଙ୍କୁ ରେଞ୍ଜ କାର୍ଯ୍ୟାଳୟକୁ ଆଣି ଅଟକ ରଖି ତଦନ୍ତ ଜାରି ରଖିଛି। ଘଟଣାରେ ୮ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅଟକ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ସୂଚନା ଦେଇଛନ୍ତି। ତେବେ ଜଙ୍ଗଲ ଭିତରେ ବୋମା ବିସ୍ଫୋରଣ ସ୍ଥଳ କିମ୍ବା ମାଂସକୁ ବନବିଭାଗ ଶନିବାର ସନ୍ଧ୍ୟା ସୁଦ୍ଧା ଠାବ କରିପାରି ନାହିଁ ଏନେଇ ରେଞ୍ଜର ଘାସିନାଥ ପାତ୍ର କହିଛନ୍ତି, ଗାଁରୁ ଖବର ପାଇ ବନ ବିଭାଗ ଟିମ୍ ଜଙ୍ଗଲରେ ଚଢ଼ଉ କରିଥିଲା। ମାତ୍ର କୌଣସି ବିଶେଷ ପ୍ରମାଣ ହସ୍ତଗତ ହୋଇନାହିଁ। ୩ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରହିଛି।

### ଦୁର୍ଘଟଣାରେ କନଷ୍ଟେବଲଙ୍କ ମୃତ୍ୟୁ

କେନ୍ଦୁଝର, ୧୭।୯(ସ୍ୱ.ପ୍ର.)-କେନ୍ଦୁଝର ସଦର ଥାନା ଅଧୀନ ୪୯ ନଂ. ଜାତୀୟ ରାଜପଥର କବିତ୍ରା ଗ୍ରାମ ନିକଟରେ ଶୁକ୍ରବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉଖୁଣ୍ଡା ଅଞ୍ଚଳର ମନୋଜ ମହାନ୍ତ(୪୧)। ସେ ଏପିଆର୍ ପୋଲିସ ଭାବେ ରିଜର୍ଭ ପୋଲିସରେ କାର୍ଯ୍ୟରତ ଥିଲେ। ରାତିରେ ବୁଲେଟରେ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ସହ ତାଙ୍କର ଧକ୍କା ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ
### ଟାଟା ପାୱାର ଚାମ୍ପିୟନ

ଜଳେଶ୍ୱର, ୧୭।୯(ଡି.ଏନ୍.ଏ.)-ବିଶ୍ୱକର୍ମା ପୂଜା ଉପଲକ୍ଷେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଶ୍ୟାମନଗର ପଞ୍ଚାୟତ ଫୁଲଝରୀ ଗ୍ରାମରେ ସାରନ-ଗଜଲ ୟୁଥ୍ କ୍ଲବ ଆନୁକୂଲ୍ୟରେ ୨ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ଓ ପଶ୍ଚିମବଙ୍ଗର ୧୬ଟି ଫୁଟବଲ ଦଳ ଭାଗ ନେଇଥିଲେ । ଶୁକ୍ରବାର ପ୍ରଥମ ଦିନରେ ଓଡିଶାର ଡୁବୁରବଣୀ, ଗରୁଡବସା, ଫୁଲଝରି, ହାତୀଗଡ, ମହୁଡୁମା, ଧରମପୁର, ପଶ୍ଚିମବଙ୍ଗର ଦୁବୁଲାଖାଇ, ମୁଚପୁର ଓ ଶନିବାର ହାତୀଗଡ-୨, କବାଟଘାଟି, ମୁଣ୍ଡୁଣିଆ, ଗହିରାବନ୍ଧ, ସର୍ଦ୍ଧାରବନ୍ଧ, ଜଳେଶ୍ୱର, ଡୁଗୁଡିହା, ଧରମପୁର ଆଦି ଭାଗ ନେଇଥିଲେ। ଫାଇନାଲ ପଶ୍ଚିମବଙ୍ଗର ଧରମପୁର ଓ ହାତୀଗଡର ଟାଟାପାୱାର ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇ ଅମୀମାଂସିତ ରହିଥିଲା। ଶେଷରେ ପେନାଲଟିକ୍ କିକ୍‌ରେ ଟାଟା ପାୱାର ଦଳ ବିଜୟୀ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ସଭାରେ କ୍ଲବ ସଭାପତି ମୁକୁନ୍ଦ ସରେନ୍ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଗିରିଜା ସାସମଲ, ମୁଖ୍ୟବକ୍ତା ଭାବେ ଡମର ହାଁସଦା ଯୋଗଦେଇ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉପାନ୍ତ ଅଞ୍ଚଳରେ ଭାଇଚାରା ସୃଷ୍ଟି କରିଆସୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଦସ୍ୟ ପ୍ରତିନିଧି ଦୁଃଖିରାମ ମୁର୍ମୁ, କ୍ଲବ ଖେଳ ସମ୍ପାଦକ ଧୀରେନ୍ ମୁର୍ମୁ, ଗାଁ ମୁଖିଆ ମକରା ହାଁସଦା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ବିଜେତା ଟାଟା ପାୱାର ଦଳକୁ ମୁଖ୍ୟଅତିଥି ନଗଦ ୧୫ହଜାର ଟଙ୍କା ଏବଂ ରନର୍ସ ଦଳକୁ ୧୨ହଜାର ଟଙ୍କା ପ୍ରଦାନ କରିଥିଲେ।

# ବର୍ଷାରେ ବୁଡ଼ିଲା ବାରିପଦା ସହର

- ଘରେ ପଶିଲା ନର୍ଦ୍ଦମା ପାଣି
- ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ପାଇଁ ଅସନ୍ତୋଷ

ବାରିପଦା ଅଫିସ, ୧୭।୯

ଶନିବାର ଅପରାହ୍ନ ସମୟରେ ଘଡଘଡି ସହ ପ୍ରବଳ ବର୍ଷା ହେବାରୁ ବାରିପଦା ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ରାସ୍ତା ଉପରେ ୨ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲ। ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଲାଗି ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଘରେ ପଶିଯିବାରୁ ପରିସ୍ଥିତି ଉଦବେଗଜନକ ହୋଇଥିଲା।

ମ୍ୟୁନିସିପାଲିଟି ଅଞ୍ଚଳର ନଦୀ ଓ ନାଳ ସଂଲଗ୍ନ ୱାର୍ଡଗୁଡିକରେ ବର୍ଷାଜଳ ରାସ୍ତା ଉପରେ ପ୍ରବାହିତ ହେବା ସହ ଘରେ ପ୍ରବେଶ କରିଛି। ସହରର ୧୯ନଂ. ୱାର୍ଡ ବଳରାମପୁରରୁ ୧୭ ନଂ. ୱାର୍ଡ ବିଜୟରାମଚନ୍ଦ୍ରପୁରକୁ ସଂଯୋଗ କରୁଥିବା ଶୁକଯୋଡା ନଦୀର ତଳିଆ ପୋଲ ଉପରେ ୨ ଫୁଟ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେଉଛି। ଫଳରେ ଉଭୟ ୱାର୍ଡ ମଧ୍ୟରେ



କାଳିକାପୁରରେ ଏକ ଘର ଭିତରେ ବର୍ଷାଜଳ ପ୍ରବେଶ କରିଛି ।

ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସେହିପରି ଦାରଗାଡାହି ଗୋଲେଇ-ବାଘଡା ରୋଡର ମନ୍ତ୍ରୀଛକ ରାସ୍ତା ଉପରେ ବର୍ଷା ପାଣି ଲହଡି ମାରୁଛି। ସହରର ଶୂନଗଡିଆ, କାଳିକାପୁର, ତୁଳସୀଚଉରା ଓ ମଧୁବନର ତଳିଆ ଅଞ୍ଚଳରେ ବର୍ଷା ଜଳ ଡ୍ରେନ ଯୋଗେ ନିଷ୍କାସନ ହୋଇ ନ ପାରି ଘରେ ପଶିଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସହର ମଧ୍ୟରେ ଥିବା ଜରାଳି, ସରାଳୀ ନଦୀ ଓ ନାଳଗୁଡିକରେ କୁଢ କୁଢ ଆବର୍ଜନା ଜମା ହେବା ସହ ବେଆଇନ କୋଠା ନିର୍ମାଣ ଯୋଗୁ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଉଦବୃତ୍ତ ଜଳ ଘରେ ପଶୁଥିବାରୁ ସହରବାସୀ ହନ୍ତସନ୍ତ ହେଉଛନ୍ତି। ବିପର୍ଯ୍ୟସ୍ତ ଡ୍ରେନେଜ ଓ ଆବର୍ଜନା ଯୋଗୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏଥିନିମନ୍ତେ ପୌର ପରିଷଦ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ନ ଥିବା ବେଳେ କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ନଦୀପଠାକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ବେଆଇନ କୋଠା ଘରକୁ ଉଚ୍ଛେଦ କରିବା ପାଇଁ ବାରମ୍ବାର ଦାବି ହୋଇଆସୁଛି।

# ବିଭିନ୍ନ ସ୍ଥାନରେ ଦେବଶିଳ୍ପୀଙ୍କ ଆରାଧନା



ଢେଙ୍କିକୋଟଠାରେ ବିଶ୍ୱକର୍ମାଙ୍କୁ ପୂଜାର୍ଚ୍ଚନା କରାଯାଉଛି।

କେନ୍ଦୁଝର, ୧୭।୯ (ସ୍ୱ.ପ୍ର.)

କେନ୍ଦୁଝର ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ସ୍ଥପତି ଓ ନିର୍ମାଣର ଦେବତା ବାବା ବିଶ୍ୱକର୍ମାଙ୍କ ପୂଜା ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଛି। କେନ୍ଦୁଝର ସଦର ମହକୁମାରେ ସରକାରୀ ଶାଖା ମୁଦ୍ରଣାଳୟ, ସରକାରୀ ମୋଟର ଚାଳକ ସଂଘ, ପୂର୍ତ୍ତ ବିଭାଗ ସମେତ ଅନ୍ୟାନ୍ୟ ସ୍ଥାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ଏଥିସହ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ, ଘରୋଇ ବସ୍ ମାଲିକ ସଂଘ, ଓଏସ୍ଆର୍‌ଟିସି କାର୍ଯ୍ୟାଳୟ, ଜିଇଡି ସେକ୍ସନ ଅଫିସ, ମା' ଦୂର୍ଗା ଟ୍ୟାକ୍ସି ଓନର ଆସୋସିଏସନ୍ ଗାନ୍ଧୀଛକ, ସୁଶୀଳା ସ ମିଲ୍ କ୍ୟାମ୍ପସ, ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, ଟାଟା ପାୱାର ଏବଂ ପୁରୁଣାବଜାରଠାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ସେହିପରି ମାଇନିଂ ଇଞ୍ଜିନିୟରିଂ ସ୍କୁଲ, ସରକାରୀ ଇଞ୍ଜିନିୟରିଂ କଲେଜ(ଜିସିଇ), ଆଇଟିଆଇ ବଡ଼ହଲ, ଆଇଟିଆଇ ପଦ୍ମପୁର, କେନ୍ଦୁଝର ସ୍କୁଲ ଅଫ୍ ଇଞ୍ଜିନିୟରିଂ କଲେଜ ଡିମ୍ପୋ, ଶ୍ରୀ ମେଟାଲିକ୍ସ ଅଁରା, ଏମ୍ଏସ୍‌ପି ସ୍ପଞ୍ଜ ଆଇରନ କାରଖାନା, ଫୁଲଝର ସ୍ଥିତ ଆରଡେଣ୍ଟ ଷ୍ଟିଲ ଲିଃ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ସମବାୟ ସମିତି ଲିଃ ସମେତ ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ, ଗ୍ୟାରେଜ୍ ଓ ଅନ୍ୟାନ୍ୟ ପ୍ରତିଷ୍ଠାନମାନଙ୍କରେ ବିଶ୍ୱକର୍ମାଙ୍କ ଆବାହନ କରାଯାଇଥିଲା।

**ଢେଙ୍କିକୋଟ, (ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ଥିବା ବିଦ୍ୟୁତ୍ ବିଭାଗ ସବ୍‌ଷ୍ଟେଶନ ସମେତ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନରେ ଶନିବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳନ କରାଯାଇଛି। ବିଦ୍ୟୁତ୍ ବିଭାଗକୁ ଘରୋଇକରଣ ପରେ ଟାଟାପାୱାର ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ କମ୍ପାନୀ ଜରିଆରେ ଚାଲୁଥିବା ବେଳେ କାର୍ଯ୍ୟାଳୟରେ ଧୁମ୍‌ଧାମ୍‌ରେ ପୂଜା ପାଳନ କରାଯାଇଛି। ପୂର୍ବାହ୍ନରେ ପୂଜକ ଅଭିଜିତ ପଣ୍ଡାଙ୍କ ଦ୍ୱାରା ଯଥାବିଧି ପୂଜା ପାଠ କରାଯାଇଥିଲା। କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ଦେବାଶିଷ ସ୍ୱାଇଁଙ୍କ ଦ୍ୱାରା କଳସ ଅଣାଯାଇ ପୂଜା ଆରମ୍ଭ ହୋଇଥିଲା। ଲାଇନମ୍ୟାନ ବିରେନ କୁମାର ଜେନା, ସୁଶୀଲ କୁମାର ବେଉରା, ଅଶୋକ ସାମନ୍ତ, ଭଜମନ ମୁଣ୍ଡା, ରଞ୍ଜନ ସାହୁ ଏବଂ କମଳ ଲୋଚନ ନାୟକ ସହଯୋଗ କରିଥିଲେ। ଶତାଧିକ ବିଦ୍ୟୁତ୍ କର୍ମଚାରୀଙ୍କ ସମେତ ସୁପରଭାଇଜର ସତ୍ୟବ୍ରତ ବେହେରା ଉପସ୍ଥିତ ଥିଲେ। ଅପରାହ୍ନରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ୩ ଦିନ ଧରି ଏଠାରେ ପୂଜା ଚାଲିବ।

**ପାଟଣା,(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ବିଭିନ୍ନ ପୂଜା ମଣ୍ଡପ ଓ ଅନୁଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଆରାଧନା କରାଯାଇଛି। ବ୍ଲକ୍ ମୁଖ୍ୟାଳୟ, ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ, ବିଶ୍ୱକର୍ମା ଫିଲିଂ ଷ୍ଟେଶନ, ସାଇ ଜ୍ୟୋତି ଏଜେନ୍ସି, ଶିବ କୃପା ଫିଲିଂ ଷ୍ଟେଶନ, ସାଇ ଆଗ୍ରୋ ଏଜେନ୍ସି, ଗୁଲୁଦୀପଶି ସ୍ଥିତ ବୈତରଣୀ ରାଇସ ମିଲ୍, ତୁରୁମୁଙ୍ଗା ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟ ଓ ନେଉଳପଶି ଆଇଟିଆଇ କେନ୍ଦ୍ରରେ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଇଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ସୱାମ ଛକ ହନୁମାନ ମନ୍ଦିର, ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିରରେ ଶହ ଶହ ସଂଖ୍ୟକ ଗାଡ଼ିମୋଟର ପୂଜା କରାଯାଇଛି।

# ସହମତି ଭିତ୍ତିରେ କାର୍ଯ୍ୟ କରୁଥିଲେ ଗୋକୁଳଚନ୍ଦ୍ର



ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ଅତିଥି।

### ପୂର୍ବତନ ଅଧ୍ୟକ୍ଷଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ

ଖଇରା, ୧୭।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ, ଅଲିପୁର ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ୨୧ତମ ପୁଣ୍ୟତିଥି ପାଳନ ଅବସରରେ ଏକ ସ୍ମୃତିସଭା ଶନିବାର ସାରଡାଙ୍ଗ ପଞ୍ଚାୟତ ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପ୍ରାକ୍ତନ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ପର୍ଶୁରାମ ପାଣିଗ୍ରାହୀ ଓ ଅଧ୍ୟକ୍ଷ ଥିବା ଗୋକୁଳ ଚନ୍ଦ୍ରଙ୍କ କିଛି ରାଜନୈତିକ ଘଟଣାବଳୀର ଅବତାରଣା କରି ଉଭୟଙ୍କ ମଧ୍ୟରେ ମତାନ୍ତର ସତ୍ତ୍ୱେ ସିମୁଳିଆ, ଖଇରା ବିକାଶ ପ୍ରସଙ୍ଗରେ ସେମାନେ ସହମତି ଭିତ୍ତିରେ କାର୍ଯ୍ୟ କରୁଥିଲେ । ଯାହା ଆଜିର ରାଜନୈତିକ ନେତାମାନେ ତାର ଓଲଟା ବୋଲି କହିଥିଲେ। ଖଇରା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜନୀତିରେ ରହିବା ସତ୍ତ୍ୱେ ସାମାଜିକ ଧର୍ମକୁ ସେ କେବେ ଭୁଲି ନ ଥିଲେ ବୋଲି କହିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମନ୍ତ କୁମାର ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ ଗଗନ ବିହାରୀ ପଣ୍ଡା, ସୀତା ମାରାଣ୍ଡି, ରାମଚନ୍ଦ୍ର ସାହୁ, ବଳରାମ ଲେଙ୍କା ପ୍ରମୁଖ ସ୍ୱର୍ଗତ ପଣ୍ଡାଙ୍କର ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ। ଅନାମନନ୍ଦ ଦାଶ ବେଦପାଠ, ଅଧ୍ୟାପକ ଉମାକାନ୍ତ ନାୟକ ଅତିଥିପରିଚୟ, ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ପୃଷ୍ଟି ବିବରଣୀପାଠ, ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମଧ୍ୟମା ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ସାବିତ୍ରୀ ସାହୁ, ଉପଶାସ୍ତ୍ରୀରେ ସର୍ବାଧିକ ନମ୍ବର ରଖିଥିବା ଦିବ୍ୟଶଙ୍କର ପଣ୍ଡା, ଶାସ୍ତ୍ରୀରେ ତୁଳସୀ ପୃଷ୍ଟି ପ୍ରମୁଖଙ୍କୁ ମାନପତ୍ର ଓ ପୁସ୍ତକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଧାୟକ ଉକ୍ତ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିବା ନେଇ ଘୋଷଣା କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ତ୍ରିପାଠୀ, ନିରଞ୍ଜନ ନାୟକ, ଅଧ୍ୟାପିକା ଲତାଞ୍ଜଳୀ ଦାସ, ଦୁଷ୍ମନ୍ତ ଲେଙ୍କା, କର୍ମଚାରୀ ନିଳାମ୍ବର ବେହେରା ଓ ମଣିଭଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଦାରିଦ୍ର୍ୟ ଦୂରୀକରଣ ପ୍ରଶିକ୍ଷଣ

ଭଣ୍ଡାରିପୋଖରୀ, ୧୭।୯ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପଠାରେ ମିଶନ ଶକ୍ତି ପକ୍ଷରୁ ତିନିଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ପାଇଁ କେଉଁଭଳି ଯୋଜନାମାନ ପ୍ରଣୟନ କରାଯାଇ ପାରିବ ସେନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଡିଓ ଦେବଦତ୍ତ ଦାସ ଓ ମିଶନ ଶକ୍ତି ବ୍ଲକ ସଂଯୋଜକ ସୁବ୍ରତ ପଣ୍ଡା ଏଥିରେ ଯୋଗ ଦେଇଥିଲେ। ମିଶନ ଶକ୍ତି ପକ୍ଷରୁ ବନିତା ଦଳେଇ, ସୀମାରାଣୀ ପଣ୍ଡା, କାଞ୍ଚନବାଳା ମଲ୍ଲିକ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ବ୍ଲକ ଅଞ୍ଚଳର ସମସ୍ତ ଏମ୍‌ବିକେ ଓ ସିଆର୍‌ପି ଶିବିରରେ ଉପସ୍ଥିତ ଥିଲେ।

# ଭଦ୍ରକରେ ଅହିଂସା ରଥ

ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ/ବାସୁଦେବପୁର/ପଦ୍ମପୁର, ୧୭।୯(ଡି.ଏନ.ଏ.)

ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ପରିକ୍ରମା କରୁଛି ଅହିଂସା ରଥ। ଶନିବାର ଏହି ରଥ ଭଦ୍ରକ ଜିଲାରେ ପହଞ୍ଚିଛି। ଡ. ହରେକୃଷ୍ଣ ମହତାବଙ୍କ ଜନ୍ମପୀଠ ବନ୍ତ ବ୍ଲକ ଆଗରପଡ଼ାଠାରେ ଏହାକୁ ସ୍ୱାଗତ କରାଯାଇଥିଲା। ଭଦ୍ରକ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ବିଡିଓ ଶୁଭଦର୍ଶନ ମିଶ୍ର ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଗରପଡ଼ାରୁ ରଥ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ଡେପୁଟି କଲେକ୍ଟର ମନୋରମା ଜାଲି, କସ୍ତୁରୀବାଳା ଜେନା, କାର୍ତ୍ତିକ ନାଥ ମଣ୍ଡଳ, ଜିଲା କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ, ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ସ୍ୱାଗତ କରିଥିଲେ। ଜିଲାର ଐତିହାସିକ ଗାନ୍ଧୀ ପଡ଼ିଆ ଓ ଗାନ୍ଧୀ ବାଳାଶ୍ରମଠାରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା। ସେହିପରି ବାସୁଦେବପୁରର



ଇରମଠାରେ ଅହିଂସା ରଥକୁ ସ୍ୱାଗତ ଅବସରରେ ପ୍ରଦର୍ଶନ ପାଇଁ ଥିବା ହସ୍ତତନ୍ତ ମେଶିନ ଚଳାଉଛନ୍ତି ବିଧାୟକ ବିଷ୍ଣୁବ୍ରତ ରାଉତରାୟ।

ବେତଡ଼ାଠାରେ ରଥ ପହଞ୍ଚିବା ପରେ ଏମ୍‌ପି ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ପୂର୍ବତନ ବିଧାୟକ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ସତ୍ୟଜିତ ରାଉତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ସ୍ୱାଗତ କରିଥିଲେ। ପରେ ତୃପ୍ତି ମହିଳା ମହାବିଦ୍ୟାଳୟଠାରେ ପୌରାଧ୍ୟକ୍ଷା ନିବେଦିତା ବେହେରା, ପୌର ନିର୍ବାହୀ ଅଧିକାରୀ, ଛାତ୍ରୀଛାତ୍ର ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନୀଳମଣି ଟାଉନ ହଲ୍, ରକ୍ତତୀର୍ଥ ଇରମ ଓ ଚାରବାଟିଆଠାରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଇରମରେ ବିଧାୟକ ରାଉତରାୟ ଓ ବ୍ଲକ ଅଧ୍ୟକ୍ଷ ବିଶ୍ୱାଳ ପ୍ରଦର୍ଶନ ପାଇଁ ଥିବା ହସ୍ତତନ୍ତ ମେଶିନରେ ଲୁଗା ବୁଣିଥିଲେ।

# କେନ୍ଦୁଝରରେ ଡେଙ୍ଗୁ, ଲୋକେ ଭୟଭୀତ

କେନ୍ଦୁଝର,୧୭।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଡେଙ୍ଗୁର ଭୟାବହତାକୁ ନେଇ ଚିନ୍ତାରେ ରହିଛନ୍ତି ସ୍ଥାନୀୟ ଲୋକେ। କେନ୍ଦୁଝର ସହରରେ ଜଣେ ହୋଟେଲ ମାଲିକଙ୍କ ରକ୍ତ ନମୁନାରେ ଡେଙ୍ଗୁ ଚିହ୍ନଟ ହେବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପୌର ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ବଢୁଛି।

କେନ୍ଦୁଝର ପୌରାଞ୍ଚଳରେ ରହୁଥିବା ଉକ୍ତ ହୋଟେଲ ମାଲିକଙ୍କ କହିବାନୁଯାୟୀ ସେ ଜ୍ୱରରେ ପୀଡ଼ିତ ହୋଇଥିଲେ। ଚିକିତ୍ସା ପରେ ବି ଜ୍ୱର ଭଲ ହୋଇ ନ ଥିଲା। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ତାଙ୍କ ରକ୍ତରେ ଡେଙ୍ଗୁ ଭୁତାଣୁ ଚିହ୍ନଟ ହେବା ପରେ ଚିକିତ୍ସିତ ହୋଇଥିଲେ। ସେ ଏବେ ସୁସ୍ଥ ଅଛନ୍ତି ଏବଂ ଘରକୁ ଫେରିଛନ୍ତି ବୋଲି କହିଛନ୍ତି। ଖଣି ଅଞ୍ଚଳରେ ଡେଙ୍ଗୁ ଚିହ୍ନଟ ହୋଇଛି କିନ୍ତୁ କେନ୍ଦୁଝର ସହରରେ ଚିହ୍ନଟ ହୋଇ ନ ଥିବା ସ୍ୱାସ୍ଥ୍ୟ ବିଭାଗ କହୁଥିବା ବେଳେ ଏଭଳି ଘଟଣାକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଛି। ଏ ନେଇ ସିଡିଏମଓ ଡ. ସୁଜାତ ରାଣୀ ମିଶ୍ର କହିଛନ୍ତି ଜିଲାରେ ସମୁଦାୟ ୨୧ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ବଲାଣୀ ଅଞ୍ଚଳରେ ଅଧିକ ଦେଖାଯାଇଛି। କେନ୍ଦୁଝରରେ ବାହାରିଥିବା ଆମ ପାଖରେ ସୂଚନା ନାହିଁ।

# ଜିଲା ଆସୋସିଏଶନ ପକ୍ଷରୁ କନିଷ୍ଠ ଦଳ ମନୋନୀତ

### ରାଜ୍ୟସ୍ତରୀୟ ହକି ଚାମ୍ପିୟନଶିପ୍

ବାରିପଦା ଅଫିସ,୧୭।୯

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ରବିବାରଠାରୁ ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ହକି ଚାମ୍ପିୟନଶିପ୍-୨୦୨୨ ନିମନ୍ତେ ମୟୂରଭଞ୍ଜ ଜିଲା ଜିଲା ଆସୋସିଏଶନ ପକ୍ଷରୁ କନିଷ୍ଠ ଦଳ ମନୋନୀତ କରାଯାଇଛି। ଚାନ୍ଦୁଆ ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟର କନିଷ୍ଠ ବର୍ଗର ପିଲାମାନେ ଏହି ଦଳରେ ସ୍ଥାନ ପାଇଛନ୍ତି। ଏଥିରେ ୧୪ ଜଣ ପ୍ରତିଯୋଗୀ ଥିବାବେଳେ ଜଣେ କୋଚ୍ ଓ ଜଣେ ମ୍ୟାନେଜର ଅଛନ୍ତି। ଜିଲା ହକି ଆସୋସିଏଶନ ସଭାପତି ତଥା ଜିଲାପାଳ ବିନୀତ ଭରଦ୍ୱାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଏବଂ ସମ୍ପାଦକ ତଥା ଅତିରିକ୍ତ ଜିଲାପାଳ ସୂଚାରୁ କୁମାର ବଳଙ୍କ ପରିଚାଳନାରେ ଉକ୍ତ ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଚାନ୍ଦୁଆ ଉଚ୍ଚ ବିଦ୍ୟାଳୟର ପିଲାଙ୍କ ସହ କ୍ରୀଡ଼ା ଶିକ୍ଷକ ବୀର ସିଂ ମାର୍ଣ୍ଡି ଗାଇଡ୍ ଶିକ୍ଷକ ଭାବେ ରହିଛନ୍ତି। ଜିଲା ପ୍ରଶାସନ ପରିଚାଳନାରେ ଉକ୍ତ ହକି ଦଳ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତ୍ତମ ଖେଳ ପ୍ରଦର୍ଶନ କରିଆସୁଛନ୍ତି। ସେମାନଙ୍କ ଯାତାୟାତ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗର ଉତ୍ତମ ବ୍ୟବସ୍ଥା ଆୟୋଜନ ହୋଇଥିବା ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି ସୂଚନା ଦେଇଛନ୍ତି।

# ଚାନ୍ଦିପୁର ବେଳାଭୂମିରେ 'ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ଯୋଜନା ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୧୭।୯

ବାଲେଶ୍ୱର ଚାନ୍ଦିପୁର ବେଳାଭୂମିରେ ଶନିବାର 'ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ଯୋଜନା ଉଦ୍‌ଘାଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ସଙ୍ଗଠନ ସଦସ୍ୟାସଦସ୍ୟଙ୍କ ସହ ଛାତ୍ରୀଛାତ୍ର, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହ ଏସ୍‌ଏଚ୍‌ଜି ସଦସ୍ୟାସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା,




'ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ଯୋଜନା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଚାନ୍ଦିପୁର ସରପଞ୍ଚ ପୂର୍ଣ୍ଣିମା ଜେନା ପ୍ରମୁଖ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ବେଳାଭୂମିକୁ ସଫେଇ କରାଯାଇଥିଲା। ଅନ୍ୟପକ୍ଷରେ ସେଠାରେ ପହଞ୍ଚିଥିବା ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଆଜାଦୀର ଅମୃତ ମହୋତ୍ସବ ଓ ସ୍ୱାଧୀନତାର ୭୫ବର୍ଷ ପାଳନ ପୂର୍ତ୍ତି ଅବସରରେ ଅତିଥିଗଣ ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶା ଅବଧାନ ଓ ଗାନ୍ଧୀ ବାର୍ତ୍ତା ପ୍ରଚାରପ୍ରସାର ତଥା ଜନମାନସରେ ଏହାର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ରାଜ୍ୟ ସରକାର ରାଜ୍ୟବ୍ୟାପୀ ଅହିଂସା ରଥର ପରିଭ୍ରମଣର ବାର୍ତ୍ତା ଦେଇଥିଲେ ।

